# ତାରାତାରିଣୀ ପୀଠରେ ବଳି ପରମ୍ପରା

■ ବିଘ୍ନେଶ୍ୱର ସାହୁ

କିମ୍ବଦନ୍ତୀ ଅନୁସାରେ ଦକ୍ଷିଣ ଓଡ଼ିଶାର ଅନ୍ୟତମ ତନ୍ତ୍ରପୀଠ ତାରାତାରିଣୀ ପୀଠ ପ୍ରତିଷ୍ଠା ଲାଭ କରିଥିଲା ନିକଟବର୍ତ୍ତୀ ଗ୍ରାମ ବସୁ ପ୍ରହରାଜ ନାମକ ଜଣେ ବ୍ରାହ୍ମଣଙ୍କ ଦ୍ୱାରା । ଅନେକ କିମ୍ବଦନ୍ତୀ ମଧ୍ୟରୁ ବସୁ ପ୍ରହରାଜ ଉପାଖ୍ୟାନକୁ ସର୍ବସମ୍ମତ ଭାବେ ଗ୍ରହଣ କରାଯାଇ ଆସୁଅଛି । ଦକ୍ଷିଣ ଓଡ଼ିଶାର ପ୍ରମୁଖ ସହର ବ୍ରହ୍ମପୁରଠାରୁ ୩୫ କି.ମି. ଦୂରବର୍ତ୍ତୀ ଏକ ସୁଉଚ୍ଚ ପର୍ବତ ଶ୍ରେଣୀରେ ବିଦ୍ୟମାନ ଅଛନ୍ତି ମା' ତାରାତାରିଣୀ । କୌଣସି ଏକ ମୁହୂର୍ତ୍ତରେ ପୂଜକ ବସୁ ପ୍ରହରାଜଙ୍କ ଉପରେ ପ୍ରୀତ ହୋଇ ଦୁଇ ଦେବୀ ତାରାତାରିଣୀ ବସୁ ପ୍ରହରାଜଙ୍କ ଝିଅ ଭାବେ ନିଜକୁ ସମ୍ବୋଧିତ କରାଇ ଦୀର୍ଘ ସାଢ଼େ ତିନିଶହ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ପୂଜିତ ହୋଇଆସୁଛନ୍ତି । ଚୈତ୍ର ମଙ୍ଗଳବାରଗୁଡ଼ିକରେ ଏହାର ମୁଖ୍ୟ ପୂଜା ହୋଇ ଆସୁଥିବା ବେଳେ ଆଶ୍ୱିନ ମାସରେ ଦଶହରା ତିଥି ତଥା ନବରାତ୍ର ମଧ୍ୟରେ ଏହି ଶକ୍ତି ପୀଠର ମାହାତ୍ମ୍ୟ ଭୂଆଡ଼େ ଯଥେଷ୍ଟ ଅନୁଭୂତ ହୁଏ ।

ଅନ୍ୟ ଏକ କିମ୍ବଦନ୍ତୀ ରହିଛି ଯେ ଦକ୍ଷ ପ୍ରଜାପତି ଆୟୋଜନ କରୁଥିବା ଏକ ଯଜ୍ଞକୁ ନିଜ କନ୍ୟା ପାର୍ବତୀଙ୍କୁ ଆମନ୍ତ୍ରଣ ନ କରିବା ସତ୍ତ୍ୱେ ପାର୍ବତୀ ନିଜ ସ୍ୱାମୀ କୈଳାସପତିଙ୍କ ସହ ଜିଦ୍ କରିବା ଯୋଗୁଁ ତୁହେଁ ଦକ୍ଷଙ୍କ ଯଜ୍ଞସ୍ଥଳକୁ ଗଲେ । ଯଜ୍ଞସ୍ଥଳରେ ସମସ୍ତ ଦେବାଦେବୀଙ୍କ ଉପସ୍ଥିତିରେ ଦକ୍ଷ ସ୍ୱୟଂ ମହାଦେବଙ୍କୁ ଘୋର ଅପମାନିତ କରିବା କ୍ଷୋଭରେ ସେହି ଯଜ୍ଞକୁଣ୍ଡରେ ଉମା ଝାସ ଦେଲେ । ମହାଦେବ କୋପାନ୍ୱିତ ହୋଇ ଉମାଙ୍କ ଦଗ୍ଧଶରୀରକୁ ନେଇ ତାଣ୍ଡବନୃତ୍ୟ କରିବାକୁ ଲାଗିଲେ । ଏଥିରେ ଦେବଗଣ ପ୍ରମାଦ ଗଣିବା ସହ ବିଷ୍ଣୁଙ୍କୁ ସ୍ମରିଲେ ରକ୍ଷା ପାଇବା ପାଇଁ । ବିଷ୍ଣୁ ନିଜର ସୁଦର୍ଶନ ଚକ୍ର ସାହାଯ୍ୟରେ ଉମାଙ୍କ ଦଗ୍ଧ ଶରୀରକୁ ଖଣ୍ଡଖଣ୍ଡ କରିବାକୁ ଆଦେଶ ଦେବା ଫଳରେ ସୁଦର୍ଶନ ଚକ୍ରର ପ୍ରଭାବରେ ଉମାଙ୍କ ଶରୀର ଖଣ୍ଡବିଖଣ୍ଡିତ ହୋଇ ଭାରତର ଚତୁର୍ଦ୍ଦିଗରେ ଶରୀରର ବିଭିନ୍ନ ଅଂଶ ବିଛାଡ଼ି ହେବାରେ ଲାଗିଲା । ସେହି କ୍ରମରେ ଉମାଙ୍କ ଶରୀରର ସ୍ତନଯୁଗଳ ଅଧୁନା ତାରାତାରିଣୀ ପୀଠରେ ପତିତ ହେବାର ଜନଶ୍ରୁତି ରହିଛି । ତେବେ ଏହା ଶକ୍ତିର ଏକ ବିଶେଷ ଅଙ୍ଗ ହୋଇଥିବାରୁ ଏହା ଶକ୍ତି କ୍ଷେତ୍ର ରୂପେ ପ୍ରସିଦ୍ଧି ଲାଭ କଲା ।

କାଳକ୍ରମେ ତାରାତାରିଣୀ ପୀଠର ମାହାତ୍ମ୍ୟ ପ୍ରାୟତଃ ଏହି ଦୁଇ କିମ୍ବଦନ୍ତୀକୁ ନେଇ ଚିଳିଆସିଛି । କିନ୍ତୁ ଏହି ପୀଠରେ କେବେଠାରୁ ବଳିପ୍ରଥା ଆରମ୍ଭ ହେଲା, ତାହା ଅଦ୍ୟାବଧି ଜଣାଯାଇପାରିନାହିଁ । ଯେତେଦୂର ସମ୍ଭବ ପ୍ରାୟ ଦେଢ଼ଶ, ଦୁଇଶହ ବର୍ଷପୂର୍ବେ ଏହି ବଳି ପ୍ରଥା ଆରମ୍ଭ ହୋଇଥିବା ସ୍ଥାନୀୟ ପୂଜକ ମାଳିମାନେ ପ୍ରକାଶ କରନ୍ତି । ତେବେ ଏପରି ଏକ ଘୃଣ୍ୟ ପ୍ରଥାକୁ କାହିଁକି ବହୁଦିନ ପର୍ଯ୍ୟନ୍ତ ବଳବତ୍ତର ରଖାଗଲା, ଏହି ପ୍ରଶ୍ନରେ କିନ୍ତୁ ପୂଜକ ମାଳିମାନେ ନାକଟେକିବା ଆରମ୍ଭ କରିଦିଅନ୍ତି । କେହି କେହି ଅବାନ୍ତର ଉତ୍ତର ଦେବାକୁ ପଛାନ୍ତି ନାହିଁ । ସେମାନଙ୍କ ଉତ୍ତରଦେବାର ଶୈଳୀ ଓ ହାବଭାବରୁ ଜଣାଯାଏ ଯେ ବଳିକୁ ସର୍ବାନ୍ତକରଣରେ ଏହି ପୂଜକମାନେ ସମର୍ଥନ କରିଆସୁଛନ୍ତି ।

ବିଂଶ ଶତାବ୍ଦୀର ଆରମ୍ଭ କାଳରେ ପ୍ରାୟ ୧୯୪୦ ମସିହା ବେଳକୁ ଓଡ଼ିଶାରେ ସମ୍ବାଦପତ୍ରର ଜନକ ତଥା ପ୍ରଥମ ସମ୍ବାଦପତ୍ର 'ଆଶା'ର ସମ୍ପାଦକ ଶଶିଭୂଷଣ ରଥ ତାରାତାରିଣୀ ପୀଠରେ ବଳିପ୍ରଥା ବନ୍ଦ କରିବା ନେଇ ବ୍ରହ୍ମପୁରରୁ ତାରାତାରିଣୀ ମନ୍ଦିର ପର୍ଯ୍ୟନ୍ତ ଏକ ପଦଯାତ୍ରାରେ ବିଭିନ୍ନ ଗ୍ରାମକୁ ଯାଇ ଲୋକମାନଙ୍କୁ ସଚେତନ କରାଇ ଦୁଇ, ତିନି ଦିନରେ ତାରାତାରିଣୀ ପୀଠରେ ପହଞ୍ଚି ସେଠାରେ ହଜାର ହଜାର ଲୋକଙ୍କ ସମାଗମରେ ବଳି ପ୍ରଥା ବନ୍ଦ କରାଇବାରେ ସକ୍ଷମ ହୋଇଥିଲେ । ଭାରତ ଛାଡ଼ ଆନ୍ଦୋଳନ ସମୟରେ ଲୋକଙ୍କ ମଧ୍ୟରେ ଖୁବ୍ ସଚେତନତା ଜାଗ୍ରତ ହୋଇଥାଏ । ତେଣେ ଲୋକଙ୍କ ମଧ୍ୟରେ ମଧ୍ୟ ଅନ୍ଧବିଶ୍ୱାସ ଓ କୁସଂସ୍କାର ଭରି ହୋଇରହିଥାଏ ।

ଗଞ୍ଜାମ ବାଘ ରୂପେ ପରିଚିତ ଶଶିଭୂଷଣ ରଥ କିନ୍ତୁ ଏ ପ୍ରକାର କୁସଂସ୍କାର ଓ ଅନ୍ଧବିଶ୍ୱାସର ବିଲୋପ ପାଇଁ ଅଣ୍ଟାଭିଡ଼ି ବାହାରିଥିବା ବେଳେ ଚାଳିଶ ଦଶକରେ ତାଙ୍କୁ ସହାୟତା କରିଥିଲେ ନେତାଜୀଙ୍କ ପରିଚାଳିତ ଫରୱାର୍ଡ୍ ବ୍ଲକ୍‌ର ଗଞ୍ଜାମ ଜିଲ୍ଲାର ନେତୃବୃନ୍ଦ । ବ୍ରହ୍ମପୁରରୁ ଏକ ପଦଯାତ୍ରାରେ ବାହାରି ନିକଟବର୍ତ୍ତୀ ଗାଁମାନଙ୍କରେ ସଭାସମିତି କରି ରାତ୍ର ରହଣି ହୋଇଥିଲା ବ୍ରହ୍ମପୁର ସହରଠାରୁ ୧୩କି.ମି. ଦୂର ବଡ଼କୁଶସ୍ଥଳୀ ଗ୍ରାମରେ । ଉକ୍ତ ଗ୍ରାମରେ ତତ୍କାଳୀନ ସମାଜସେବୀ ସ୍ୱାଧୀନତା ସଂଗ୍ରାମୀ ଦାମୋଦର ସାହୁ, ସ୍ୱାଧୀନତା ସଂଗ୍ରାମୀ ନରସିଂହ ପାତ୍ର, ଚକ୍ରପାଣି ଜେନା, ତତ୍କାଳୀନ ଛାତ୍ରସଂଘ ନେତା ବିଶ୍ୱନାଥ ସାହୁ, ଗଙ୍ଗାଧର ସାହୁ ପ୍ରମୁଖ ବଡ଼କୁଶସ୍ଥଳୀ ଗ୍ରାମରେ ରାତ୍ରିକାଳୀନ ସଭାକରି ବଳିପ୍ରଥା ବିରୋଧରେ ଉଦ୍‌ବୋଧନ ଦେବା ସହ ପରଦିନ ଭୋର ବେଳାରୁ ଗ୍ରାମରୁ ଶତାଧିକ ବ୍ୟକ୍ତି ତାରାତାରିଣୀ ଅଭିମୁଖେ ପଦଯାତ୍ରାରେ ବାହାରିଥିଲେ । ଅପରାହ୍ନ ୪ଟାରେ ତାରାତାରିଣୀ ସିଂହଦ୍ୱାରଠାରେ ପହଞ୍ଚି ପ୍ରଥମେ ବଳି ପ୍ରଥା କରିବାକୁ ଜିଦ୍ ଧରିବା ସହ ବିରୋଧ କରିବାକୁ ଅଣ୍ଟାଭିଡ଼ିଥିବା ପୂଜକମାନଙ୍କୁ ଶଶୀଭୂଷଣ ରଥ ଓ ଅନ୍ୟନେତୃବୃନ୍ଦ ବହୁ ଉଦାହରଣ ସହ ବୁଝାଇବାକୁ ଚେଷ୍ଟା କରିଥିଲେ । ବ୍ରିଟିଶରାଜ୍ ସମୟରେ କିନ୍ତୁ ତତ୍କାଳୀନ ଗୋରାଶାସକମାନଙ୍କଠାରୁ ବଳିପ୍ରଥା ବନ୍ଦ କରିବାକୁ ଯଥେଷ୍ଟ ସହଯୋଗ ମିଳିଥିଲା । ଗଞ୍ଜାମ ବାଘ ଶଶୀଭୂଷଣ ରଥଙ୍କ ଓଜସ୍ୱିନୀ ଭାଷଣ, କୁସଂସ୍କାର ବିରୋଧର ଧୈର୍ଯ୍ୟପୂର୍ଣ୍ଣ ସଂଗ୍ରାମ, ସଚ୍ଚୋଟତା, ନିର୍ଭୀକତା ଆଦି କାର୍ଯ୍ୟକଳାପ ଇଂରେଜ ଶାସକମାନଙ୍କୁ ପ୍ରଭାବିତ କରିଥିଲା । ତେବେ ବହୁକଷ୍ଟରେ ତାରାତାରିଣୀ ପୀଠର ପୂଜକ ମାଳିମାନେ ବଳି ପ୍ରଥା ବନ୍ଦ କରିବାକୁ ନିଷ୍ପତ୍ତି ଗ୍ରହଣ କରିବା ସହ କେବଳ

ବଳିର ସ୍ମାରକୀସ୍ୱରୂପ କହ୍ନି ପରିବାକୁ ଚିହ୍ନିତ କରାଗଲା ଏବଂ ସମସ୍ତଙ୍କ ଉପସ୍ଥିତିରେ ତାରାତାରିଣୀ ବିଗ୍ରହ ସମ୍ମୁଖରେ କହ୍ନିକୁ ବଳି ଦିଆଗଲା ।

ତାରାତାରିଣୀ ପୀଠରେ ବଳିପ୍ରଥା ବନ୍ଦ ହେବା ପରେ ଦୀର୍ଘବର୍ଷ ପର୍ଯ୍ୟନ୍ତ କହ୍ନି ପରିବାକୁ ବଳି ଦିଆଯାଇ ଆସୁଥିଲା । ତେବେ ଦୁଇଦଶନ୍ଧି ହେବ କେବଳ ମହାଷ୍ଟମୀ ପୂଜା ଅବସରରେ ମଧ୍ୟରାତ୍ରରେ ଛାଗ ବଳି ଦିଆଯାଉଥିବା ବର୍ତ୍ତମାନ ପୂଜକମାନେ ସ୍ୱୀକାର କରିଛନ୍ତି ।

କେବଳ ତାରାତାରିଣୀ ନୁହେଁ, ଗଞ୍ଜାମର ଅଧିକାଂଶ ଦେବୀପୀଠରେ ବଳିପ୍ରଥା ବନ୍ଦ ହୋଇପାରିଥିଲା ଚାଳିଶ ଦଶକରେ ଶଶିଭୂଷଣ ରଥ ଓ ଅନ୍ୟ ଜିଲ୍ଲା ନେତୃବୃନ୍ଦଙ୍କ ଉଦ୍ୟମ ଫଳରେ । ନବରାତ୍ର ପୂଜାର ମହାଷ୍ଟମୀ ନିଶିରେ କେବଳ ତାରାତାରିଣୀ ପୀଠରେ ତାରାତାରିଣୀଙ୍କ ବିଗ୍ରହ ସମ୍ମୁଖରେ ଛାଗ ବଳି ଦେବା ପରମ୍ପରା ବ୍ୟତୀତ ଜିଲ୍ଲାର ଅନ୍ୟାନ୍ୟ ଦେବୀପୀଠର ଦେବୀ ପ୍ରତିମା ସମ୍ମୁଖରେ ବଳି ପରମ୍ପରା ପ୍ରାୟତଃ ନାହିଁ । ଯାହା କେବଳ ଦେବୀପୀଠର ଗୁରୁତ୍ୱକୁ ଅଯଥା ବଢ଼ାଇବା ସକାଶେ ପୀଠ ବାହାରେ ଅସଂଖ୍ୟ ପଶୁବଳି ଦିଆଯାଉଛି ।

କୌଣସି ଶାସ୍ତ୍ରରେ ପଶୁବଳି ଦିଆଯିବା ସମ୍ପର୍କରେ ଧାଡ଼ିଟିଏ ଉଲ୍ଲେଖ ନଥିବା ବେଳେ ନିଜର କାମନା ଚରିତାର୍ଥ ଅଥବା ଜିହ୍ୱାଲାଳସା ସକାଶେ ମଣିଷ ସମାଜ ପଶୁବଳି ଭଳି ଘୃଣ୍ୟପ୍ରଥାକୁ ବରଂ ଅଧିକତର ଜୋର ଦେଇଆସୁଛି । ଏକବିଂଶ ଶତାବ୍ଦୀର ମନୁଷ୍ୟ ଚନ୍ଦ୍ରପୃଷ୍ଠରେ ନଗର ପ୍ରତିଷ୍ଠା କରି ସେଠାରେ ଜୀବନଯାପନ କରିବାକୁ ନକ୍ସାଟାଣୁଥିବା ଏବଂ କୋଟି କୋଟି ଟଙ୍କା ବ୍ୟୟରେ ପୁରୁଷ ଅପେକ୍ଷା ନାରୀ ପର୍ଯ୍ୟଟକ ଭାବରେ ଯିବାକୁ ଆଗଭର ହୋଇଥିବା ସ୍ଥଳେ ଆମେ ଆଉ କେତେ ଦୂର ପଛକୁ ଯିବା ? ସାମାଜିକ କୁସଂସ୍କାର ତଥା ଅନ୍ଧବିଶ୍ୱାସରେ ତମସାଚ୍ଛନ୍ନ କୁହେଳି କେବେ ଏହି ମଣିଷ ସମ୍ମୁଖରୁ ହଟିବ, ତାହା ଚିନ୍ତାର ବିଷୟ । ଆଜି ସମସ୍ତେ ଏକ ଅଦେଖା ଯନ୍ତ୍ରଣାରେ ଛଟପଟ ହେଉଥିବା ବେଳେ ପାର୍ବଣରେ ବଳିକୁ ପ୍ରମୁଖତା ଦେଉଥିବା ମଧ୍ୟ ପୁରୁଷ ପଣିଆ ଏଠାରେ ଦେଖିବାକୁ ମିଳେ ଅଗ୍ରଭାଗରେ ।

ମା' କେବେ କାହାର ବଳି କିମ୍ବା ରକ୍ତ ଚାହେଁନା । ପୃଥିବୀବାସୀଙ୍କୁ ନିଜର ସନ୍ତାନସମ ମନେ କରୁଥିବା ମା ଯଦି ରକତ କିମ୍ବା ବଳି ଚାହେଁ, ତେବେ ବର୍ତ୍ତମାନ ମଣିଷ ସମାଜର ରକ୍ତ ତା' ପାଇଁ ନିଅଣ୍ଟ ହେବ । ଯଦି ବା କୌଣସି ପଶୁ ବା ପକ୍ଷୀର ବି ରକ୍ତ ଚାହେଁ, ତେବେ ବି ଧରାପୃଷ୍ଠରେ ଅଚିରେ ପଶୁସମ୍ପଦ ଲୋପ ପାଇଯିବ । ଇନ୍ଦ୍ରିୟ ସଂଯମର ଆଚରଣ ଉପରେ ଲମ୍ବା ପ୍ରବଚନ ଦେଉଥିବା ସାଧୁସମାଜ କ'ଣ ଏତିକି ମାତ୍ର ଛୋଟ କଥାରୁ ମଣିଷଙ୍କୁ ମୁକୁଳାଇପାରୁନାହିଁ ? ଆମେ ପୁଣି ଶଶିଭୂଷଣ ରଥମାନଙ୍କୁ ମନେ ପକାଇବା ଉଚିତ । ସେ ଥରେ ଆସନ୍ତେ କି ଧରାପୃଷ୍ଠକୁ । ଏକବିଂଶ ଶତାବ୍ଦୀର ମଣିଷମାନଙ୍କର ହାଲଚାଲ୍ ଓ କୁସଂସ୍କାର କେତେ ଗଭୀରତାକୁ ଯାଇ ବଳିପ୍ରଥାକୁ ଲୁଚିଛପି ଆରମ୍ଭ କରିଦେଲେଣି । ପୁଣି ଦରକାର ଆଉ ଏକ ପଦଯାତ୍ରା । ଏଥର କେବଳ ସୀମିତ କ୍ଷେତ୍ରରେ ନୁହେଁ, ସମଗ୍ର ଓଡ଼ିଶାରେ ।

*(ମୋକ୍ତା - ୧-୧୫ ଅକ୍ଟୋବର, ୨୦୦୬)*